ୟୁ. ପି. ରାଜ୍ୟ ସଡ଼କ ପରିବହନ ନିଗମ
ଏହାର ପରିଚାଳନା ନିର୍ଦ୍ଦେଶକଙ୍କ ମାଧ୍ୟମରେ ଏବଂ ଅନ୍ୟଜଣେ

ବନାମ

ଗୋବର୍ଦ୍ଧନ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 20, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ୟୁ. ପି. ରାଜ୍ୟ ସଡ଼କ ପରିବହନ ନିଗମ – ବ୍ୟସ୍ତବହୁଳ ସମୟରେ କିମ୍ବା କଣ୍ଡକ୍ଟରଙ୍କ ନିଲମ୍ବନ ସମୟରେ କିମ୍ବା 15 ଦିନ କିମ୍ବା ଏକ ମାସ ପାଇଁ ଛୁଟି ହେତୁ ଖାଲି ପଦବୀରେ ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀଙ୍କ ପ୍ରତୀକ୍ଷା ତାଲିକା – ଖବରକାଗଜରେ ଅଧିସୂଚନା ପରେ ନିଯୁକ୍ତ – ଅନୁପସ୍ଥିତ ବ୍ୟକ୍ତିଙ୍କ ସମ୍ବନ୍ଧରେ, ବରିଷ୍ଠତା ଅନୁପାଳନ କରାଯାଇ ନାହିଁ ଏବଂ କନିଷ୍ଠମାନେ ନିଯୁକ୍ତ ହୋଇଛନ୍ତି – ଉତ୍ତରଦାତା ନିଯୁକ୍ତ ହୋଇନଥିଲେ ଯଦିଓ ତାଙ୍କ କିଛି କନିଷ୍ଠମାନେ ନିଯୁକ୍ତ ହୋଇଥିଲେ ଏବଂ ନିୟମିତ ହୋଇଥିଲେ – ରିଟ୍ ଆବେଦନ ଦାଖଲ ହୋଇଛି – ଉଚ୍ଚ ନ୍ୟାୟାଳୟ ତାଙ୍କୁ ନିଯୁକ୍ତି ଦେବାକୁ ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି – ଅପିଲରେ ଦର୍ଶାଯାଇଛି, ପ୍ରତୀକ୍ଷା ତାଲିକା ପ୍ରକ୍ରିୟା ବାତିଲ ହେବା ପରେ, ଯଦିଓ କାହାର ଅଧିକାର ନାହିଁ, ତଥାପି ପ୍ରତୀକ୍ଷା ତାଲିକାରେ ଥିବା ଲୋକଙ୍କୁ ନିୟମାବଳୀ ଅନୁଯାୟୀ ଏହି ତଥ୍ୟକୁ ଦୃଷ୍ଟିରେ ରଖି ବିଚାର କରିବାକୁ ପଡ଼ିବ ଯେ, ସେମାନଙ୍କ କନିଷ୍ଠମାନଙ୍କୁ ନିଯୁକ୍ତି ମିଳିଥିଲା ଏବଂ ଏପରିକି ସେମାନଙ୍କୁ ନିୟମିତ ମଧ୍ୟ କରାଯାଇଥିଲା – ଅପିଲକାରୀ-ନିଗମକୁ ଉତ୍ତରଦାତାଙ୍କ ମାମଲାକୁ ଏକ ସ୍ୱତନ୍ତ୍ର ମାମଲା ଭାବରେ ବିଚାର କରିବାକୁ ଏବଂ ପ୍ରକ୍ରିୟା ଅନୁଯାୟୀ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା – ଅନ୍ୟମାନେ ଯେଉଁମାନେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇନାହାନ୍ତି କିମ୍ବା ବିଳମ୍ବରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ସେମାନେ କୌଣସି ପ୍ରତିକାର ପାଇବାକୁ ହକଦାର ହେବେ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12286/1996 ।

ଡବ୍ଲ୍ୟୁ. ପି. ସଂଖ୍ୟା 6727/1993 ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର 31.8.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପ୍ରଦୀପ ମିଶ୍ର ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. କେ. ଭଟ୍ଟାଚାର୍ଯ୍ୟ ଏବଂ ପି. କେ. ଜୈନ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ରିଟ୍ ଆବେଦନ 6727/93 ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର 31 ଅଗଷ୍ଟ, 1995 ରେ କରାଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି । 1980 ମସିହାରେ ନିଯୁକ୍ତି ପାଇଁ ଅପିଲକାରୀ-ନିଗମର ଆଞ୍ଚଳିକ ପରିଚାଳକ 414 ଜଣ ପ୍ରାର୍ଥୀଙ୍କ ପ୍ରତୀକ୍ଷା ତାଲିକା ପ୍ରସ୍ତୁତ କରିଥିଲେ, ଯେଉଁମାନଙ୍କୁ ବ୍ୟସ୍ତବହୁଳ ସମୟରେ କିମ୍ବା କୌଣସି କଣ୍ଡକ୍ଟରଙ୍କ ନିଲମ୍ବନ ସମୟରେ କିମ୍ବା 15 ଦିନ କିମ୍ବା ଏକ ମାସ ପାଇଁ ଛୁଟି ହେତୁ ଖାଲି ପଦବୀ ଥିବା ସମୟରେ ନିଯୁକ୍ତି ଦିଆଯିବ । ଏହା ଜଣାପଡ଼ିଲା ଯେ, ତାଲିକାଟି 1980-81, 1981-82 ଏବଂ 1982-83 ପାଇଁ ଜାରି ରହିଥିଲା । ବ୍ୟସ୍ତବହୁଳ ସମୟରେ ଖବରକାଗଜରେ ଅଧିସୂଚନା ମାଧ୍ୟମରେ ଏହି ନିଯୁକ୍ତି କରାଯିବାର ଥିଲା ଏବଂ ଯିଏ 7 ଦିନ ମଧ୍ୟରେ ଆସିବେ ତାଙ୍କୁ ନିଯୁକ୍ତି ଦିଆଯିବ । ଏହା ପରେ, ଅନୁପସ୍ଥିତ ବ୍ୟକ୍ତିଙ୍କ କ୍ଷେତ୍ରରେ, ବରିଷ୍ଠତାକୁ ଅନୁପାଳନ କରାଯାଇନଥିଲା ଏବଂ କନିଷ୍ଠମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏହା ଜଣାପଡ଼ିଲା ଯେ, ଉତ୍ତରଦାତା ବରିଷ୍ଠତା ତାଲିକାରେ ରଖାଯାଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣେ ଅଟନ୍ତି । ଯେହେତୁ ସେ ସୂଚନା ପାଇ ନଥିଲେ, ତେଣୁ ସେ ବ୍ୟସ୍ତବହୁଳ ସମୟରେ ଯୋଗ ଦେଇନଥିଲେ । ସେ 1993 ରେ ତାଙ୍କ ଅଣ-ନିଯୁକ୍ତିକୁ ଆପତ୍ତି କରି ଏକ ରିଟ୍ ଆବେଦନ ଦାଖଲ କରିଥିଲେ, ସେ ଏହି ଆଳ ଗ୍ରହଣ କରିଥିଲେ ଯେ, ତାଙ୍କଠାରୁ କନିଷ୍ଠମାନେ ପୂର୍ବରୁ ନିଯୁକ୍ତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ନିୟମିତ ମଧ୍ୟ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଯୁକ୍ତିକୁ ଗ୍ରହଣ କରିଛନ୍ତି ଏବଂ ତାଙ୍କୁ କଣ୍ଡକ୍ଟର ପଦବୀରେ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯେହେତୁ ତାଙ୍କର କିଛି କନିଷ୍ଠ ନିଯୁକ୍ତି ପାଇଁ ଆସିଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ନିଗମ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ପ୍ରଦୀପ ମିଶ୍ର ଯୁକ୍ତି କରିଛନ୍ତି ଯେ, ବ୍ୟସ୍ତବହୁଳ ସମୟ ଇତ୍ୟାଦିରେ ଆକସ୍ମିକ ପରିସ୍ଥିତିର ମୁକାବିଲା ପାଇଁ ନିଗମ ପ୍ରତୀକ୍ଷା ତାଲିକାର ନୀତି ବିକଶିତ କରିଛି । 1980 ମସିହା ପାଇଁ ପ୍ରତୀକ୍ଷା-ତାଲିକା, ବାସ୍ତବରେ 1980 ମସିହା ଜୁଲାଇ 19 ତାରିଖରେ ବାତିଲ କରାଯାଇଥିଲା; ବାତିଲ ବିରୋଧରେ ଦାଖଲ ହୋଇଥିବା ରିଟ୍ ଆବେଦନ ଖାରଜ କରାଯାଇଥିଲା; ଉତ୍ତରଦାତା 1983 ମସିହାରେ ପ୍ରଥମ ଥର ପାଇଁ ରିଟ୍ ଆବେଦନ ଦାଖଲ କରିଥିଲେ; 1988 ମସିହାରୁ, ପ୍ରତୀକ୍ଷା-ତାଲିକା ପ୍ରକ୍ରିୟା ଛାଡ଼ କରାଯାଇଛି ଏବଂ ସେଥିପାଇଁ, ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାରେ ନ୍ୟାୟସଙ୍ଗତ ନଥିଲେ । ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଭଟ୍ଟାଚାର୍ଯ୍ୟ ଯୁକ୍ତି କରିଥିଲେ ଯେ, ଯେହେତୁ ସେ ରହୁଥିବା ଅଞ୍ଚଳରେ ଖବରକାଗଜର

କୌଣସି ପ୍ରସାରଣ ନଥିଲା, ତେଣୁ ସେ ଖବରକାଗଜର ପ୍ରକାଶନ ଦେଖିପାରିଲେ ନାହିଁ; ଫଳସ୍ୱରୂପ, ସେ ଉପସ୍ଥିତ ହୋଇ ଏହି ପଦବୀରେ ଯୋଗ ଦେଇପାରିଲେ ନାହିଁ; କିନ୍ତୁ ଯେହେତୁ ତାଙ୍କ କନିଷ୍ଠମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ ନିୟମିତ ମଧ୍ୟ କରାଯାଇଥିଲା, ତେଣୁ ସେ ମଧ୍ୟ ସମାନ ସୁବିଧା ପାଇବାକୁ ହକଦାର ଅଟନ୍ତି । ଯଦିଓ ଶ୍ରୀ ପ୍ରଦୀପ ମିଶ୍ରଙ୍କ ଯୁକ୍ତିରେ ଆମେ ଦୃଢୋକ୍ତି ପାଇଛୁ ଯେ, ପ୍ରାର୍ଥୀମାନେ ପ୍ରତୀକ୍ଷା ତାଲିକାରେ ଥିବାରୁ ଏହି ପଦବୀରେ ସେମାନଙ୍କର କୌଣସି ଅଧିକାର ନାହିଁ, ଯେହେତୁ ନିଗମ ପ୍ରତୀକ୍ଷା ତାଲିକାରେ ଥିବା କିଛି କନିଷ୍ଠମାନଙ୍କୁ ନିଯୁକ୍ତ କରିସାରିଛି, ଅବଶ୍ୟ, ସେହି ପ୍ରକ୍ରିୟା ଅନୁସରଣ କରିବା ପୂର୍ବରୁ, ସେମାନେ ପ୍ରତୀକ୍ଷା ତାଲିକାରେ ରଖାଯାଇଥିବା ପ୍ରାର୍ଥୀମାନଙ୍କୁ ସୂଚନା ଦେବା ଉଚିତ ଥିଲା; ତଥାପି ଯଦି ସେମାନେ ନ ଆସନ୍ତି, ତେବେ ଏହା କୁହାଯାଇପାରେ ଯେ, ସେମାନେ ନିଯୁକ୍ତିର ଅଧିକାର ଛାଡ଼ କରିଛନ୍ତି । କିନ୍ତୁ ଏହି କ୍ଷେତ୍ରରେ, ଏହା ହୋଇପାରେ ଯେ, ପ୍ରତୀକ୍ଷା ତାଲିକାରେ ଥିବା ଜଣେ ପ୍ରାର୍ଥୀ ଆଶା କରୁଥିଲେ ଯେ, ଯେତେବେଳେ ପଦବୀ ଖାଲି ପଡ଼ିବ ସେ ନିଗମରୁ ନିଯୁକ୍ତିର ଆଦେଶ ପାଇବେ ଏବଂ ପ୍ରକାଶିତ ହୋଇଥିଲେ ମଧ୍ୟ ସେ ଖବରକାଗଜ ପଢ଼ି ନଥାଇ ପାରନ୍ତି । ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ, ପ୍ରତୀକ୍ଷା-ତାଲିକା ପ୍ରକ୍ରିୟା ବାତିଲ ହେବା ପରେ, ଯଦିଓ କାହାର ଅଧିକାର ନାହିଁ; ଯେଉଁମାନେ ପ୍ରତୀକ୍ଷା ତାଲିକାରେ ଥିଲେ ସେମାନଙ୍କୁ ନିୟମ ଅନୁଯାୟୀ ଏହି ତଥ୍ୟକୁ ଦୃଷ୍ଟିରେ ରଖି ବିଚାର କରିବାର ଆବଶ୍ୟକତା ରହିଛି ଯେ, ସେମାନଙ୍କ କନିଷ୍ଠମାନେ ନିଯୁକ୍ତି ପାଇଥିଲେ ଏବଂ ଏପରିକି ନିୟମିତ ମଧ୍ୟ ହୋଇଥିଲେ । ତେଣୁ, ଅପିଲକାରୀଙ୍କୁ ଉତ୍ତରଦାତାଙ୍କ ମାମଲାକୁ ଏକ ସ୍ୱତନ୍ତ୍ର ମାମଲା ଭାବରେ ବିଚାର କରିବାକୁ ଏବଂ ପ୍ରକ୍ରିୟା ଅନୁଯାୟୀ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟ କୌଣସି ବ୍ୟକ୍ତି ଯିଏ ନ୍ୟାୟାଳୟର ଦ୍ୱାରସ୍ଥ ହୋଇନଥିଲେ କିମ୍ବା ବିଳମ୍ବରେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ, ସେ କୌଣସି ପ୍ରତିକାର ପାଇବାକୁ ହକଦାର ହେବେ ନାହିଁ ।

ତଦନୁସାରେ ଅପିଲଟିର ପରିସମାପ୍ତି କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲଗୁଡ଼ିକ ପରିସମାପ୍ତ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ